# Akashvani, Sambalpur

## SAMBALPURI NEWS EVENING BULLETIN

**30 May 2024- 7.02 pm- 7.12 pm.**

*********************************************

୧- ରାଏଜେ ଶେଷ୍ ଖେପ୍ ନିର୍ବାଚନ୍ ଲାଗି ଆଏଜ୍ ସର୍‌ଲା ପ୍ରଚାର୍ ।

- ଆଏବା ଶନିବାର୍ ଦିନ ୬ ଟା ଲୋକ୍‌ସଭା ଆର୍ ୪୨ ଟା ବିଧାନ୍‌ସଭା ଆସନ୍ ଲାଗି ହେବା ଭୋଟ୍ ।

- ମତଦାନ୍ ଲାଗି ବୁଥ୍ ମାନ୍‌କେ ନିୟୋଜିତ ହେବେ ଶହେ ୨୬ କମ୍ପାନୀ ସି.ଏ.ପି.ଏଫ୍ ।

୨- ଶ୍ରୀକ୍ଷେତ୍ର ପୁରୀ ନ ଫଟ୍‌କା ବିସ୍ଫୋରଣ୍ ଦୁର୍ଘଟଣାର୍ ଉଚ୍ଚସ୍ତରୀୟ ତଦନ୍ତ୍ ଲାଗି ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

- ମୃତକ୍‌ଙ୍କର୍ ପରିବାର୍‌କେ ୪ ଲାଖ୍ ଟଙ୍କା ଲେଖା ମିଲ୍‌ବା ସାହାଜ୍ ।

୩- ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର୍ କୁଳପତି ହେଲେ ପ୍ରଫେସର୍ ଶ୍ୟାମ୍‌ସୁନ୍ଦର୍ ପଟ୍ଟନାୟକ୍ ।

ଆଉର୍

୪- ରାଏଜେ ଜାରି ରହିଛେ ଗ୍ରୀଷ୍ମପ୍ରବାହ- ଝାର୍‌ସୁଗୁଡ଼ା ନ ସବୁନୁ ଜହ ତାତି ୪୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ ।

- କେରଳ ଉପକୂଳ ପୁହୁଁଚିଲା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ।

## ୭ ନମ୍ବର୍ ଖେପ୍ ନିର୍ବାଚନ୍- ପ୍ରଚାର୍ ଶେଷ୍

ଭୁବନେଶ୍ୱର୍ ସମ୍ବାଦଦାତା

ରାଏଜେ ଶେଷ୍ ଖେପ୍ ନିର୍ବାଚନ୍ ଲାଗି ଆଏବା ୧ ତାରିଖ୍ ଶନିବାର୍ ଦିନ ଭୋଟ୍ ହେବା । ଇଥିର୍ଲାଗି ଆଏଜ୍ ଉପର୍ବେଲା ୫ ବଜେନୁ ପ୍ରଚାର୍ କାମ୍ ଶେଷ୍ ହେଇଛେ । ଇ ଖେପେ ମୟୁର୍ଭଞ୍ଜ୍, ବାଲେଶ୍ୱର୍, ଭଦ୍ରକ୍, ଯାଜ୍ପୁର୍, କେନ୍ଦ୍ରାପଡ଼ା ଆର୍ ଜଗତ୍ସିଂହପୁର୍ ଲୋକସଭା ଆସନ୍ ସହେତେ ଇତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେବା । ଇ ବାବ୍ଦେ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗୁଟେ ସାମ୍ବାଦିକ୍ ସମ୍ମିଳନୀଥି କହିଛନ୍ ଯେ, ଇ ୬ ଟା ଲୋକ୍ସଭା ଆସନ୍ ଲାଗି ମୋଟ୍ ୬୬ ଝନ୍ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ । ସେନ୍ତା ୪୨ ଟା ବିଧାନ୍ସଭା ଆସନ୍ ଲାଗି ମୋଟ୍ ୩ ଶହ ୯୪ ଝନ୍ ପ୍ରାର୍ଥୀ ରହିଛନ୍ । ଇ ଖେପେ ମୋଟ୍ ୯୯ ଲାଖ୍ ୬୧ ହଜାର୍ ୫୭ ଝନ୍ ମତଦାତା ଭୋଟ୍ ଦେବେ । ଇମାନ୍କର୍ ଭିତ୍ରେ ୫୦ ଲାଖ୍ ୮୮ ହଜାର୍ ୭୬ ଝନ୍ ପୁରୁଷ, ୪୮ ଲାଖ୍ ୭୨ ହଜାର୍ ୨ ଶହ ୯୪ ଝନ୍ ମହିଲା ଆର୍ ୬ ଶହ ୮୭ ଝନ୍ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ । ମତଦାନ୍ ଲାଗି

ମୋଟ୍ ୧୦ ହଜାର୍ ୮ ଶହ ୮୨ ଟା ବୁଥ୍ କରାଯାଇଛେ । ଇ ସବୁ ବୁଥ୍ ନ ସଖାଲର୍ ୭ ବଜେନୁ ମତଦାନ୍ ମୁଲ୍ ହେଇକରି ସଞ୍ଝର୍ ୬ ବଜେତକ୍ ଚାଲ୍‌ବା । ସେଆଡ଼େ ମତଦାନ୍‌କେ ଶାନ୍ତିଶୃଙ୍ଖଲା ସାର୍‌ବାର୍ ଲାଗି ଶହେ ୨୬ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବଳ- ସିଏପିଏଫ୍ ନିୟୋଜିତ ହେବେ ବଲି ମୁଖ୍ୟ ନିର୍ବାଚନ୍ ଅଧିକାରୀ କହିଛନ୍ ।

ପ୍ରଚାର୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆଏବା ୧ ତାରିଖ୍ ଦିନ ହେବାର୍‌କେ ଥିବା ଭୋଟ୍ ଲାଗି ପ୍ରଚାର୍‌ର ଶେଷ୍ ଦିନେ ଭିନ୍ ଭିନ୍ ରାଜନୈତିକ୍ ଦଲ ବରିଷ୍ଠ ନେତାମାନେ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ସଭା ଆଉ ରୋଡ୍ ସୋ ଜରିଏ ଭୋଟର୍‌ମାନ୍‌କୁ ନିଜର୍ ଆଡ଼େ ଆକୃଷ୍ଟ କର୍‌ବାର୍ ଲାଗି ଶେଷ୍ ପ୍ରୟାସ୍ କରିଛନ୍ । ବିଜେପି ନେତା ଆଉ କେନ୍ଦ୍ର ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଆଏଜ୍ ମୟୁର୍‌ଭଞ୍ଜ ଜିଲ୍ଲା ଯଶୀପୁର୍ ନ ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ । କଂଗ୍ରେସ୍‌ର ବରିଷ୍ଠ ନେତା ରାହୁଲ୍ ଗାନ୍ଧୀ ଆଏଜ୍ ଓଡ଼ିଶା ଆସିକରି ବାଲେଶ୍ୱର୍ ଲୋକ୍‌ସଭା ନିର୍ବାଚନ୍ ମଣ୍ଡଲୀର୍ ଶିମୁଲିଆ ନ ଗୁଟେ ସଭାଥି ଯୋଗ୍ ଦେଇକରି ଦଲୀୟ ପ୍ରାର୍ଥୀଙ୍କର୍ ଲାଗି ପ୍ରଚାର୍ କରିଛନ୍ ।

ବୁଥ୍- ଇଲେକ୍ଟ୍ରୋନିକ୍ସ ଜିନିଷ କଟ୍‌କନା ଆର୍‌ଏନ୍‌ୟୁ /ସମ୍ବଲପୁର

ବୁଥ୍ ଭିତର୍‌କେ ଇଲେକ୍ଟ୍ରୋନିକ୍ସ ଜିନିଷ୍ ନେବାର୍ ଉପ୍‌ରେ ମୁଖ୍ୟ ନିର୍ବାଚନ୍ ଅଧିକାରୀ କଟ୍‌କନା ଜାରି କରିଛନ୍ । ଭୋଟର୍‌ମାନେ ମୋବାଇଲ୍, ସ୍ମାର୍ଟ ୱାଚ୍, କି କେମ୍‌ରା ବୁଥ୍‌କେ ନାଇଁ ନେଇପାରନ୍ । ଖାଲି ଦର୍‌କାର୍ ପଡ୍‌ଲେ ମତଦାନ୍ ବାବ୍‌ଦେ ଅପ୍‌ଡେଟ୍ ଲାଗି ପ୍ରିଜାଇଡିଂ ଅଫିସର୍ ବୁଥ୍ କେ ମୋବାଇଲ୍ ନେଇପାର୍‌ବେ । ଇ ବାବ୍‌ଦେ ସିଇଓ ଅଫିସ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଭଉଁରୀ ଯାତ୍ରା- ଦୁର୍ଘଟଣା ଆର୍‌ଏନ୍‌ୟୁ/କଟକ୍/ସମ୍ବଲପୁର

ପୁରୀ ଶ୍ରୀକ୍ଷେତ୍ର ନ ଭଉଁରୀ ଯାତ୍ରାଥି ଘଟିଥିବା ଫଟ୍‌କା ବିସ୍ଫୋରଣ୍ ଦୁର୍ଘଟଣାର୍ ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ନିର୍ଦ୍ଦେଶ୍ ଦେଇଛନ୍ । ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଇ ଦୁର୍ଘଟଣାର୍ ତଦନ୍ତ୍ କର୍‌ବେ । ସେନ୍ତା ମୃତକଙ୍କର୍ ପରିବାର୍ ଲୁକ୍‌କର୍ ଲାଗି ୪ ଲାଖ୍ ଟଙ୍କା ଲେଖା ସାହାଜ୍ ଦିଆଯିବା ଆଉ ଦୁର୍ଘଟଣାଥି ଆହତ୍‌ମାନ୍‌କର୍ ଚିକିତ୍ସା ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିନୁ କରାଯିବା ବଲି ଶ୍ରୀ ପଟ୍ଟନାୟକ୍

ଘୋଷ୍‌ନା କରିଛନ୍ । ମୁଖ୍ୟମନ୍ତ୍ରୀ ଆଏଜ୍ ଭୁବ୍‌ନେଶ୍ୱର୍‌ର ଗୁଟେ ଘରୋଇ ହାସ୍‌ପାତାଲ୍ ନ ଚିକିତ୍ସିତ୍ ହେଉଥିବା ଆହତ୍‌ମାନ୍‌କୁ ଭେଟିକରି ସେମାନ୍‌କର୍ ସ୍ୱାସ୍ଥ୍ୟବସ୍ଥା ବାବ୍‌ଦେ ପଚ୍‌ରେଇକରି ବୁଝିଥିଲେ । ଇତାର୍‌ସହେତେ ଡାକ୍ତରୀ ଟିମ୍ ସାଙ୍ଗେ ଭିନ୍ ଭିନ୍ ଦିଗ୍ ଉପ୍‌ରେ ଆଲୋଚନା କରିଥିଲେ ।

ସେନ୍ତା ମୁଖ୍ୟ ଶାସନ୍ ସଚିବ ଆଉ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଆଏଜ୍ ନରେନ୍ଦ୍ର ପୁଷ୍କରିଣୀର ଫଟ୍‌କା ବିସ୍ଫୋରଣ ଜାଗାଥି ପହଁଚିକରି ଅନୁଧ୍ୟାନ୍ କରିଛନ୍ । ଇତାର୍‌ସହେତେ ୩ ଝନ୍ ମୃତକଙ୍କର୍ ପରିବାର୍ ଲୁକ୍‌କୁ ସାହାଜ୍ ଟଙ୍କା ଜଲ୍‌ଦି ଦେବାର୍‌କେ ଜିଲ୍ଲାପାଲ୍‌ଙ୍କୁ କହିଛନ୍ । ସେନ୍ତା ମୁଖ୍ୟ ଶାସନ୍ ସଚିବ ଶ୍ରୀ ଜେନା ପୁରୀ, ଖୋର୍ଦ୍ଧା ଆର୍ କଟକ୍ ଜିଲ୍ଲାପାଲ୍‌ଙ୍କୁ ଆହତ୍‌ମାନ୍‌କୁ ସବୁ ପ୍ରକାର୍ ଦର୍‌କାରୀ ଦରବ୍ ଯୁଗେଇ ଦେବାର୍ ଲାଗି ନିର୍ଦ୍ଦେଶ୍ ଦେଇଛନ୍ ।

ସେଆଡ଼େ ଇ ଘଟ୍‌ନାଥି ପୁରୀ ପୁଲିସ୍ ତର୍‌ଫୁ ନିଜର୍ ଆଡ୍ଡୁ ଗୁଟେ ମାମ୍‌ଲା ରୁଜୁ କରାଯାଇକରି ତଦନ୍ତ୍ ମୁଲ୍ ହେଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଗଲାକାଏଲ୍ ରାତି ହେଇଥିବା ଇ ଦୁର୍ଘଟଣାଥି ଏବ୍‌ତକ୍ ୩ ଝନ୍‌କର୍ ଜୀବନ୍ ଯାଇଛେ । ଇଥି ଆହତ୍ ହେଇଥିବା ଅଲ୍‌ଗା ୨୭ ଝନ୍ କଟକ୍ ଏସ୍‌ସିବି ମେଡ଼ିକାଲ୍ ସହେତେ ଭୁବ୍‌ନେଶ୍ୱର୍‌ର ଭିନ୍ ଭିନ୍ ଘରୋଇ ହାସ୍‌ପାତାଲ୍ ନ ଚିକିତ୍ସିତ ହେଉଛନ୍ ଆର୍ ୬ ଝନ୍

ହସ୍ପିଟାଲ୍‌ନୁ ଚିକିତ୍ସା ହେଇକରି ଘର୍‌କେ ଫିରିଥିବାର୍ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ସୂଚ୍‌ନା ମିଳିଛେ ।

ଇ ଘଟ୍‌ନାକେ ନେଇକରି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଶୋକପ୍ରକାଶ୍ କରିଛନ୍ । ସାମାଜିକ ଗଣମାଧ୍ୟମର ଗୁଟେ ବାର୍ତାଥି ରାଷ୍ଟ୍ରପତି ମୃତକଙ୍କର୍ ପରିବାର୍ ବର୍ଗଙ୍କୁ ଗଭୀର ସମବେଦନା ଜନାବାର୍ ସହେତେ ଆହତମାନ୍‌କର୍ ଆଶୁ ଆରୋଗ୍ୟ କାମନା କରିଛନ୍ ।

ସେନ୍ତା ରାଜ୍ୟପାଲ୍ ରଘୁବର୍ ଦାସ ଦୁର୍ଘଟଣାକେ ନେଇକରି ଗଭୀର ଶୋକବ୍ୟକ୍ତ କରିଛନ୍ । ଦୁର୍ଘଟଣାଥି ଜୀବନ୍ ହରେଇଥିବା ଲୁକ୍‌କର୍ ପରିବାର୍ ଲୁକ୍‌କୁ ସମବେଦନା ଜନାବାର୍ ସହେତେ ସବୁ ଆହତ୍‌ମାନ୍‌କର୍ ଆଶୁ ଆରୋଗ୍ୟ କାମନା କରିଛନ୍ ।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଇ ଘଟନାଥି ଦୁଃଖ ପ୍ରକାଶ୍ କରିଛନ୍ । ସେ ଆହତ୍‌ମାନ୍‌କର୍ ଆଶୁଆରୋଗ୍ୟ କାମନା କର୍‌ବାର୍ ସହେତେ ମୃତକଙ୍କର୍ ପରିବାର୍‌କେ ସମବେଦନା ଜନେଇଛନ୍ ।

କୁଳପତି ସମ୍ବଲପୁର୍ ସମ୍ବାଦଦାତା

ପ୍ରଫେସର୍ ଶ୍ୟାମସୁନ୍ଦର୍ ପଟ୍ଟନାୟକ୍‌ଙ୍କୁ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର୍ କୁଳପତି ଭାବେ ନିଯୁକ୍ତ କରାଯାଇଛେ । ରାଜ୍ୟପାଲ୍ ଆଉ କୁଳାଧିପତି ରଘୁବର୍ ଦାସ ତାଙ୍କୁ ଇ

ନିଯୁକ୍ତି ଦେଇଥିବା ରାଜଭବନ୍ ତର୍ଫୁ ବିଜ୍ଞପ୍ତି ବାହାରିଛେ । ପ୍ରଫେସର୍ ପଟ୍ଟନାୟକ୍ ଏଛେନ୍ ଚଣ୍ଡିଗଡ଼୍ର ନେସ୍ନାଲ୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଟିଚର୍ସ ଟ୍ରେନିଂ ଏଣ୍ଡ୍ ରିସର୍ଚ୍ଚର ମିଡ଼ିଆ ଇଞ୍ଜିନିୟରିଂ ବିଭାଗ୍ର ବିଭାଗୀୟ ମୁଖ୍ୟ ଅଛନ୍ । ତାଙ୍କର୍ ୩୩ ବଛରର୍ ଅଧ୍ୟାପନାର ଅଭିଜ୍ଞତା ରହିଥିବାର୍ ବେଲେ ତାଙ୍କର୍ ଅଧୀନ୍ଥି ୨୪ ଝନ୍ ପିଏଚ୍ଡ଼ି କରିଛନ୍ । ଇତାର୍ଛଡ଼ା ସେ ୧୩ ଟା ବହି ଲେଖିଛନ୍ ।

ଆଇଆଇଟି- ବୁଝାମଣାପତ୍ର ପି.ଆଇ.ବି.

ବୈଷୟିକ ଶିକ୍ଷା ଆର୍ ଅନୁସନ୍ଧାନ୍ଥି ସହଯୋଗ୍ କର୍ବାର୍ ଲାଗି ଆଇଆଇଟି ଭୁବ୍ନେଶ୍ୱର୍ ଆର୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ ଭିତ୍ରେ ଆଏଜ୍ ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ସମିଆଥି ଆଇଆଇଟି ଭୁବ୍ନେଶ୍ୱର୍ର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲ୍କର, ପ୍ରତିଷ୍ଠାନ୍ର ଭାରପ୍ରାପ୍ତ ଡିନ୍ ପ୍ରଫେସର୍ ରାଜେଶ୍ ରୋସନ୍ ଦାସ ଆର୍ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସେସ୍ର ନିର୍ଦ୍ଦେଶକ୍ ପ୍ରଫେସର୍ ଦେବାଶିଷ୍ ଦାସ୍ ଉପସ୍ଥିତ୍ ଥିଲେ । ବୈଷୟିକ ଶିକ୍ଷା, ଜୈବ ବିଜ୍ଞାନ୍, ମଲିକୁଲାର୍ ବାୟୋଲୋଜି କ୍ଷେତ୍ରଥି ଛାତ୍ରଛାତ୍ରୀ ଆର୍ ଅଧ୍ୟାପକମାନ୍କର୍ ଗବେଷଣା କ୍ଷମତା ବଢ଼ାବାର୍ ଦିଗେ ଇ ବୁଝାମଣା ପତ୍ର ସାହାଜ୍ କର୍ବା । ଇତାର୍ସହେତେ ଇ ଦୁହି ପ୍ରତିଷ୍ଠାନ୍

ଯକ୍ଷ୍ମାର ପ୍ରତିରୋଧ୍ ଲାଗି ଟୀକାର ବିକାଶ୍ ଦିଗେ ଗବେଷଣା ପ୍ରକଳ୍ପଥି ମିଶିକରି କାମ୍ କର୍‌ବାର୍‌କେ ରାଜି ହେଇଛନ୍ ।

ଯୁକ୍ତ ୩ ନାଁଲେଖା           ଆର୍‌ଏନ୍‌ୟୁ /ସମ୍ବଲପୁର

୨୦୨୪ -୨୫ ଶିକ୍ଷା ବଛର୍‌ର ଯୁକ୍ତ ୩ ଥି ଆଏବା ମାସର୍ ୩ ତାରିଖ୍‌ନୁ ନାଁଲେଖା ଲାଗି ଆବେଦନ୍ ମୁଲ୍ ହେବା । ଜୁନ୍ ୧୭ ତାରିଖ୍‌ତକ୍ ଛାତ୍ରଛାତ୍ରୀମାନେ ଇଥିର୍‌ଲାଗି ଆବେଦନ୍ କରିପାର୍‌ବେ । ଜୁନ୍ ୨୫ ତାରିଖ୍ ଦିନ ପହେଲା ସିଟ୍ ଏଲଟ୍‌ମେଂଟ୍ ହେବା ଆର୍ ୨୬ ନୁ ୨୯ ତାରିଖ୍ ଭିତ୍‌ରେ ପହେଲା ଖେପେ୍ ନାଁଲେଖା ହେବା । ଇ ବାବ୍‌ଦେ ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ବିଜ୍ଞପ୍ତି ଜାରି କରାଯାଇଛେ । ସବୁ ସର୍‌କାରୀ, ବେସର୍‌କାରୀ, ଅନୁଦାନ୍‌ପ୍ରାପ୍ତ କଲେଜ, ଅଣ ଅନୁଦାନ୍ ପ୍ରାପ୍ତ ଡିଗ୍ରୀ କଲେଜ୍, ସଂସ୍କୃତ କଲେଜ୍ ସହେତେ ସ୍ନାତକ ପାଠ୍ୟକ୍ରମ୍ ଥିବା ମହାବିଦ୍ୟାଳୟ ନ ଛାତ୍ରଛାତ୍ରୀମାନେ ନାଁଲେଖାବାର୍ ଲାଗି ସାମ୍ସ ୱେବ୍‌ସାଇଟ୍‌ଥି ଆବେଦନ୍ କରିପାର୍‌ବେ ।

ଆଇ.ଆର୍.ଡି.ଏ.- ସ୍ୱାସ୍ଥ୍ୟବୀମା           ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ବୀମା ନିୟାମକ ବିକାଶ ପ୍ରାଧିକରଣ - ଆଇ.ଆର୍.ଡି.ଏ. ସ୍ୱାସ୍ଥ୍ୟବୀମା ଦାବି ସମାଧାନ୍ ନିୟମ୍ ବଦ୍‌ଲେଇଛନ୍ । ଆଘୋନୁ ସ୍ୱାସ୍ଥ୍ୟବୀମା ଜରିଏ ରୋଗୀମାନ୍‌କୁ ଡାକ୍ତର୍‌ଖାନାଥି ବହୁତ୍‌ଟେ ସମିଆ ଧରିକରି ଟାକ୍‌ବାର୍‌କେ ପଡୁଥିବାର୍ ବେଲେ ଏତ୍‌କେ ୩ ଘଂଟା ଭିତ୍‌ରେ ସ୍ୱାସ୍ଥ୍ୟବୀମା ଦାବିର୍ ସମାଧାନ୍ ହେବା । ଇ ବାବ୍‌ଦେ ଆଇ.ଆର୍.ଡି.ଏ.ର ୫୫ ଟା ନିର୍ଦ୍ଦେଶ୍‌ନାମାକେ ପ୍ରତ୍ୟାହାର୍ କରାଯାଇକରି ଗୁଟେ ନୂଆଁ ମାର୍ଗଦର୍ଶିକା ଜାରି କରାଯାଇଛେ । ଏତ୍‌କେ ଡାକ୍ତର୍‌ଖାନାନୁ ଡିସ୍‌ଚାର୍ଜ ଅନୁରୋଧ୍ କର୍‌ବାର୍ ୨ ଘଂଟା ଭିତ୍‌ରେ ସ୍ୱାସ୍ଥ୍ୟବୀମା କମ୍ପାନୀ ଦାବି ସମାଧାନ୍ କର୍‌ବାର୍‌କେ ବାଧ ହେବେ । ଯଦି ଧାରିଜ୍ ସମିଆ ଭିତ୍‌ରେ ଦାବି ସମାଧାନ୍ ନାଇଁ ହୁଏ ସେ ଜାଗାଥି ସ୍ୱାସ୍ଥ୍ୟ ବୀମା କମ୍ପାନୀମାନ୍‌କୁ ଅତିରିକ୍ତ ଅର୍ଥ ରାଶି ଦେବାର୍‌କେ ପଡ଼୍‌ବା ।

ଟ୍ରେନ୍ ମାର୍ଗ ପରିବର୍ତ୍ତନ୍ ସମ୍ବଲପୁର୍ ସମ୍ବାଦଦାତା

ପୂର୍ବତଟ ରେଲ୍‌ପଥର ଢେଙ୍କାନାଲ୍ ଷ୍ଟେସନ୍ ନ ଢେଙ୍କାନାଲ୍-ସଦାଶିବ୍ ରେଲ୍‌ଷ୍ଟେସନ୍ ଭିତ୍‌ରେ ୩ ଆଉ ୪ ନମ୍ବର୍ ଲାଇନ୍‌ର କାର୍ଯ୍ୟକ୍ଷମ, ସର୍‌ଲା ଷ୍ଟେସନ୍ ନ ସମ୍ବଲ୍‌ପୁର୍-ଝାର୍‌ସୁଗୁଡ଼ା ରେଲ୍‌ସେକ୍ସନ୍ ନ ମାଲବାହୀ ଟ୍ରେନ୍ ପରୀକ୍ଷା ଲାଇନ୍‌ର କାର୍ଯ୍ୟକ୍ଷମ ଆର୍ ସମ୍ବଲ୍‌ପୁର୍ - ୱାଲ୍‌ଟିୟର୍

ରେଲ୍‌ମଣ୍ଡଳର ପରିସୀମା ଭିତ୍‌ରେ ବ୍ରିଜ୍ ପୁନଃନିର୍ମାଣ କାମ୍ କରାଯାଉଥିବାର୍‌ନୁ କେତେଟା ଟ୍ରେନ୍‌ର ମାର୍ଗ ବଦ୍‌ଲା ଯାଇଛେ । ସେନ୍ତା କେତେଟା ଟ୍ରେନ୍‌ର ସମୟ ପୁନଃ ନିର୍ଦ୍ଧାରଣ୍ ଆଉ ମାର୍ଗଥି କିଛି ସମୟ ଲାଗି ନିୟନ୍ତ୍ରଣ୍ କରାଯିବା ।

ପାଣିପାଗ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଗ୍ରୀଷ୍ମ ପ୍ରବାହ ଜାରି ରହିଛେ । ରାଜ୍ୟର୍ ସବୁନୁ ଅଏତ୍‌କା ତାତି ଝାର୍‌ସୁଗୁଡ଼ା ନ ୪୭ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ୧୨ ଟା ଜାଗା ନ ତାତି ୪୪ ଡିଗ୍ରୀ ନୁ ଜହ ରହିଥିଲା । ଟିଟିଲାଗଡ଼୍ ନ ୪୬ ଦଶ୍‌ମିକ୍ ୫, ବର୍‌ଗଡ଼୍ ନ ୪୬ ଦଶ୍‌ମିକ୍ ୩, ସମ୍ବଲ୍‌ପୁର୍ ନ ୪୬ ଦଶ୍‌ମିକ୍ ୨, ସୋନ୍‌ପୁର୍ ୪୫ ଦଶ୍‌ମିକ୍ ୬, ଭବାନୀପାଟ୍‌ନା ନ ୪୫ ଦଶ୍‌ମିକ୍ ୫, ବଲାଙ୍ଗିର୍ ନ ୪୫ ଦଶ୍‌ମିକ୍ ୩, ହୀରାକୁଦ୍ ନ ୪୫ ଦଶ୍‌ମିକ୍ ୨, ରାଉର୍‌କେଲା ନ ୪୪ ଦଶ୍‌ମିକ୍ ୯, ନୂଆପଡ଼ା ନ ୪୪ ଦଶ୍‌ମିକ୍ ୫, ବୌଦ୍ଧ ନ ୪୪ ଦଶ୍‌ମିକ୍ ୧, ସୁନ୍ଦର୍‌ଗଡ଼୍ ୪୩ ଦଶ୍‌ମିକ୍ ୬ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ସେନ୍ତା ରାଏଜେ ଆଉ ୨ ଦିନ୍ ଗ୍ରୀଷ୍ମପ୍ରବାହ ଜାରି ରହେବା ବଲି ଆଂଚଳିକ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ସତର୍କ କରେଇଛେ ।

ସେଆଡ଼େ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଏଜ୍ କେରଳ ପୁହୁଁଚିଛେ । ଇଥିର୍‌ଲାଗି ଥିତି ଅନୁକୂଳ ରହିଥିବାର୍ ଭାରତୀୟ ପାଣିପାଗ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ବଛର୍ ମୌସୁମୀ ଋତୁଥି ସ୍ୱାଭାବିକ୍‌ନୁ ଅଏତ୍‌କା ବର୍ଷା ହେବାର୍ ଅନୁମାନ୍ କରାଯାଇଛେ ।